# NATIONAL NEWS BULLETIN (ODIA)
## 24th August - 2025
## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଆସନ୍ତାକାଲିଠାରୁ ଗୁଜରାଟ୍‌କୁ ଦୁଇଦିନିଆ ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର କରିବେ ଉଦ୍‌ଘାଟନ ଓ ଶିଳାନ୍ୟାସ ।

- ନୂଆଦିଲ୍ଲୀରେ ଦୁଇଦିନଆ ଅଖିଳ ଭାରତୀୟ ବାଚସ୍ପତି ସମ୍ମିଳନୀର ଉଦ୍‌ଘାଟନ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

— ସଂସଦର ମର୍ଯ୍ୟାଦା ଓ ବାଚସ୍ପତି ପଦବିର ସମ୍ମାନ ବୃଦ୍ଧି ଦିଗରେ କାର୍ଯ୍ୟ କରିବାକୁ ଦେଲେ ଗୁରୁତ୍ୱ ।

- ଫିଜି ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ ଆଲୋଚନା କଲେ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ।

- ଇସ୍ରୋ ପକ୍ଷରୁ ପ୍ରଥମ ସମନ୍ୱିତ ଏୟାର ଡ୍ରପ୍ ପରୀକ୍ଷଣ ସଫଳତାର ସହ ସମ୍ପନ୍ନ ।

ଏବଂ

- ଷୋଡ଼ଶ ଏସୀୟ ବନ୍ଧୁକଚାଳନା ପ୍ରତିଯୋଗିତାରେ ଭାରତୀୟ ଖେଳାଳିଙ୍କ ସ୍ୱର୍ଣ୍ଣପଦକ ହାସଲ ।

## ପି.ଏମ୍. - ଗୁଜରାଟ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲିଠାରୁ ଦୁଇଦିନିଆ ଗୁଜରାଟ୍ ଗସ୍ତରେ ଯିବେ । ଗସ୍ତର ପ୍ରଥମ ଦିନରେ ଶ୍ରୀ ମୋଦି ଅହମ୍ମଦାବାଦଠାରେ ୫ ହଜାର ୪ ଶହ କୋଟି ଟଙ୍କାରେ ନିର୍ମିତ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଏହାପରେ ଶ୍ରୀ ମୋଦି ଏକ ଜନସମାବେଶକୁ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି । ଗୁଜରାଟ ଗସ୍ତର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ଅହମ୍ମଦାବାଦର ହନ୍‌ସଲ୍‌ପୁରଠାରେ ହାଇବ୍ରିଡ୍ ବ୍ୟାଟେରୀ ଇଲେକ୍ଟ୍ରୋଡ୍ ଉତ୍ପାଦନ ପ୍ରକଳ୍ପର ଉଦ୍‌ଘାଟନ କରିବେ । ୧୦୦ଟି ଦେଶକୁ ବ୍ୟାଟେରୀଚାଳିତ ଇଲେକ୍ଟ୍ରିକ୍ ଯାନ ରପ୍ତାନୀ ପ୍ରକ୍ରିୟାକୁ ପତାକା ଦେଖାଇ ଶୁଭାରମ୍ଭ କରିବେ ।

ପ୍ରଧାନମନ୍ତ୍ରୀ ତାଙ୍କ ଗସ୍ତକାଳରେ ୧ ହଜାର ୪୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅନେକ ରେଳପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ଶ୍ରୀ ମୋଦି ବିରମ୍‌ଗାମ୍-ଖୁଦାଦ୍-ରାମପୁରା ସମ୍ପ୍ରସାରିତ ରାସ୍ତାର ଉଦ୍‌ଘାଟନ

କରିବେ । ସେ ମଧ୍ୟ ଅହମ୍ମଦାବାଦ-ମେହଶାଣା-ପାଲନପୁରର ୬ ଲେନ୍ ବିଶିଷ୍ଟ ଭୂତଳ ରାସ୍ତାର  ଶିଳାନ୍ୟାସ କରିବା ସହ ଅହମ୍ମଦାବାଦ-ବିରମଗାମ୍ ରାସ୍ତାରେ ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି ।

## ପି.ଏମ୍. - ପ୍ରକାଶ ପରବ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରୀଗୁରୁ ଗ୍ରନ୍ଥ ସାହେବ ଜୀଙ୍କ ପ୍ରକାଶ ପର୍ବ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ଶ୍ରୀଗୁରୁ ଗ୍ରନ୍ଥ ସାହେବ ଜୀଙ୍କ କାଳଜୟୀ ଶିକ୍ଷା ସମସ୍ତଙ୍କ ଜୀବନକୁ ଆଲୋକିତ କରୁଛି । କରୁଣା, ନମ୍ରତା ଏବଂ ସେବାର ମୂଲ୍ୟବୋଧକୁ ଏହା ସ୍ମରଣ କରାଇଦେଉଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଏହି ଶିକ୍ଷା ମାନବ ସମାଜକୁ ଏକତା ଏବଂ ସଦ୍‌ଭାବନା ମନ୍ତ୍ରରେ ସୁଦୃଢ଼ ହେବା ଲାଗି ପ୍ରେରଣା ଦେଇଥାଏ ବୋଲି ଶ୍ରୀ ମୋଦୀ କହିଛନ୍ତି । ଶ୍ରୀଗୁରୁ ଗ୍ରନ୍ଥ ସାହେବ ଜୀଙ୍କ ଦ୍ୱାରା ପ୍ରଦର୍ଶିତ ଜ୍ଞାନମାର୍ଗକୁ ଅନୁସରଣ କରି ଏକ ସୁନ୍ଦର ପୃଥିବୀ ଗଢ଼ି ତୋଳିବା ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

# ଦିଲ୍ଲୀ - ସ୍ପିକର କନ୍‌ଫରେନ୍ସ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ନୂଆଦିଲ୍ଲୀରେ ଦିଲ୍ଲୀ ବିଧାନସଭାର ଦୁଇଦିନିଆ ଅଖିଳ ଭାରତୀୟ ବାଚସ୍ପତି ସମ୍ମିଳନୀ ଉଦ୍‌ଘାଟନ କରିଛନ୍ତି । କେନ୍ଦ୍ରୀୟ ବିଧାନସଭାର ପ୍ରଥମ ଭାରତୀୟ ବାଚସ୍ପତି ଭାବେ ବିଠଲ୍ ଭାଇ ପଟେଲ୍‌ଙ୍କ ନିର୍ବାଚନର ଶତବାର୍ଷିକୀ ପାଳନ କରିବାପାଇଁ ଏହି ସମ୍ମିଳନୀର ଆୟୋଜନ କରାଯାଇଛି । ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା' ସ୍ୱାଧୀନତା ଭଳି ସ୍ୱାଧୀନତା ପରେ ମଧ୍ୟ ଦେଶକୁ ଗଣତାନ୍ତ୍ରିକ ଭାବରେ ପରିଚାଳନା କରିବାର ଗୁରୁତ୍ୱ ରହିଛି ବୋଲି କହିଛନ୍ତି । ସେ କହିଛନ୍ତି, ବିଠଲ୍ ଭାଇ ପଟେଲ୍ ଭାରତୀୟଙ୍କ ଚିନ୍ତାଧାରା ଆଧାରରେ ଦେଶକୁ ଗଣତାନ୍ତ୍ରିକ ଭାବରେ ପରିଚାଳନା କରିବାର ମୂଳଦୂଆ ସ୍ଥାପନ କରିଥିଲେ । ସଂସଦର ମର୍ଯ୍ୟାଦା ଏବଂ ବାଚସ୍ପତି ପଦବିର ସମ୍ମାନ ବୃଦ୍ଧି କରିବା ଦିଗରେ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ମଧ୍ୟ ଶ୍ରୀ ଶାହା ଗୁରୁତ୍ୱ ପ୍ରଦାନ କରିଛନ୍ତି । ଆମ ଦେଶର ଲୋକଙ୍କ ସମସ୍ୟା ସମ୍ପର୍କିତ ପ୍ରସଙ୍ଗଗୁଡ଼ିକୁ ଉତ୍‌ଥାପନ କରିବା ଲାଗି ଗୃହ' ନିରପେକ୍ଷ ମଞ୍ଚ ପ୍ରଦାନ କରିବା ଉଚିତ ବୋଲି ସେ କହିଛନ୍ତି । ଗୃହର ନିୟମ ଅନୁଯାୟୀ ପ୍ରତ୍ୟେକ ସଦସ୍ୟ କାର୍ଯ୍ୟ କରିବାର ଗୁରୁଦାୟିତ୍ୱ ରହିଛି ବୋଲି ଶ୍ରୀ ଶାହା କହିଛନ୍ତି ।

***Voice (Shah)*** **:.............**

ଏହି ସମ୍ମିଳନୀରେ ଯୋଗଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ସର୍ବୋତ୍ତମ କାର୍ଯ୍ୟକ୍ରମ ନେଇ ପରସ୍ପର ମଧ୍ୟରେ ମତ

ବିନିମୟ କରିବାରେ ଏହି ଦୁଇଦିନିଆ ସମ୍ମିଳନୀ ବିଶେଷ ସହାୟକ ହୋଇପାରିବ । ସଂସଦ ଏବଂ ବିଧାନସଭାର କାର୍ଯ୍ୟଧାରା ସଠିକ୍ ରୂପେ ପରିଚାଳନା ଉପରେ ଶ୍ରୀ ରିଜିଜୁ ଗୁରୁତ୍ୱ ଦେଇଛନ୍ତି । ଗଣତାନ୍ତ୍ରିକ ରାଷ୍ଟ୍ର ଗଠନରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଚିନ୍ତାଧାରାରେ ଫରକ ରହିଥିଲେ ମଧ୍ୟ ସଂସଦ ଏବଂ ବିଧାନସଭାର କାର୍ଯ୍ୟଧାରାରେ ପ୍ରତିବନ୍ଧକ ସୃଷ୍ଟି କରାଯିବା ଉଚିତ୍ ନୁହେଁ ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

***Voice (Rijiju) :............***

ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ଉପରାଜ୍ୟପାଳ ଭି.କେ.ସକ୍ସେନା, ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଦିଲ୍ଲୀ ସରକାରଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ ଏବଂ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଦିଲ୍ଲୀରେ ପ୍ରଥମଥର ପାଇଁ ଅନୁଷ୍ଠିତ ହେଉଥିବା ଏହି ସମ୍ମିଳନୀରେ ରାଜ୍ୟ ବିଧାନସଭାର ବାଚସ୍ପତି ଏବଂ ଉପବାଚସ୍ପତିଙ୍କ ସମେତ ରାଜ୍ୟ ବିଧାନ ପରିଷଦ ଗୁଡ଼ିକର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ଅଂଶଗ୍ରହଣ କରୁଛନ୍ତି । ବିଭିନ୍ନ ପ୍ରସଙ୍ଗ ଆଧାରିତ ଆଲୋଚନା, ଅଧ୍ୟକ୍ଷ ଏବଂ ଅଧିକାରୀଙ୍କ ମଧ୍ୟରେ ମତ ବିନିମୟ, ସର୍ବୋତ୍ତମ ଅଭ୍ୟାସର ଆଦାନପ୍ରଦାନ କରିବା ଏବଂ ବିଧାନସଭାର କାର୍ଯ୍ୟକାରୀତା ପାଇଁ ନୂତନ ପଦ୍ଧତି ଅନୁସନ୍ଧାନ କରିବା ପାଇଁ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ବିଠଲଭାଇ ପଟେଲଙ୍କ ଉପରେ ବିରଳ ଅଭିଲେଖାଗାର ରେକର୍ଡ, ଫଟୋ ଏବଂ ଅନ୍ୟାନ୍ୟ ଦସ୍ତାବିଜ୍ ଉପରେ ପର୍ଯ୍ୟବେସିତ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀକୁ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ଉଦ୍‌ଘାଟନ

କରିଛନ୍ତି । ସ୍ୱର୍ଗତ ବିଠଲଭାଇ ପଟେଲଙ୍କ ଜୀବନ ଉପରେ ଆଧାରିତ ଏକ ସ୍ମାରକୀ ଡାକଟିକଟକୁ ମଧ୍ୟ ଶ୍ରୀ ଶାହା ଉନ୍ମୋଚନ କରିଥିଲେ ।

## ଫିଜି ପି.ଏମ୍. - ଇଣ୍ଡିଆ ଭିଜିଟ୍

କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ଆଜି ସନ୍ଧ୍ୟାରେ ନୂଆଦିଲ୍ଲୀରେ ଫିଜି ପ୍ରଧାନମନ୍ତ୍ରୀ ସିତିଭେନି ରେବୁକାଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଫିଜି ପ୍ରଧାନମନ୍ତ୍ରୀ ଭାରତକୁ ତିନିଦିନିଆ ଗସ୍ତରେ ଆସି ଆଜି ସକାଳେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଶିକ୍ଷା ଏବଂ ଉତ୍ତର-ପୂର୍ବ କ୍ଷେତ୍ର ବିକାଶ ରାଷ୍ଟ୍ରମନ୍ତ୍ରୀ ସୁକାନ୍ତ ମଜୁମ୍‌ଦାର ତାଙ୍କୁ ବିମାନ ବନ୍ଦରଠାରେ ସ୍ୱାଗତ କରିଥିଲେ । ଫିଜି ପ୍ରଧାନମନ୍ତ୍ରୀ ଶ୍ରୀ ରେବୁକାଙ୍କା ସହ ତାଙ୍କ ସହଧର୍ମିଣୀ ସୁଲେଟି ରେବୁକା ମଧ୍ୟ ଆସିଛନ୍ତି । ତାଙ୍କ ସହ ଆସିଥିବା ପ୍ରତିନିଧି ଦଳରେ ସ୍ୱାସ୍ଥ୍ୟମନ୍ତ୍ରୀ ରାଟୁ ଆଟୋନିଓଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଆସିଛନ୍ତି । ଏହା ହେଉଛି ଫିଜି ପ୍ରଧାନମନ୍ତ୍ରୀ ଶ୍ରୀ ରେବୁକାଙ୍କ ପ୍ରଥମ ଭାରତ ଗସ୍ତ ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

# ବିହାର - ରବିଶଙ୍କର ପ୍ରସାଦ

ବରିଷ୍ଠ ବି.ଜେ.ପି. ନେତା ତଥା ଜାତୀୟ ମୁଖପାତ୍ର ରବିଶଙ୍କର ପ୍ରସାଦ ଭାରତର ନିର୍ବାଚନ ଆୟୋଗ ଭଳି ସାମ୍ବିଧାନିକ ସଂସ୍ଥାଗୁଡ଼ିକ ଉପରେ ବିରୋଧୀ ଦଳ ନେତାମାନଙ୍କର ବିଶ୍ୱାସ ନ ଥିବା ଅଭିଯୋଗ କରିଛନ୍ତି । ତେଣୁ ସେମାନେ ସ୍ୱତନ୍ତ୍ର ଭୋଟର୍ ସଂଶୋଧନ ପ୍ରକ୍ରିୟାକୁ ବିରୋଧ କରୁଛନ୍ତି । ପାଟନାସ୍ଥିତ ବି.ଜେ.ପି. କାର୍ଯ୍ୟାଳୟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପ୍ରସାଦ କହିଛନ୍ତି, ଅଗଷ୍ଟ ପହିଲାରେ ଭୋଟର ଚିଠା ତାଲିକା ପ୍ରକାଶ ପାଇଥିଲା । କିନ୍ତୁ ଏହା ବିରୋଧରେ ଅଭିଯୋଗ ଏପର୍ଯ୍ୟନ୍ତ ଜାରି ରହିଛି । ସେ କହିଛନ୍ତି, କଂଗ୍ରେସ ଏବଂ ଆର୍.ଜେ.ଡି.ର ସଦସ୍ୟମାନେ ଭୋଟର ତାଲିକା ସଂଶୋଧନ ବିରୋଧରେ ସେମାନଙ୍କର ଅଭିଯୋଗ ଦାଖଲ କରିବାପାଇଁ ସେମାନେ ଆଗେଇ ଆସି ନାହାନ୍ତି । ନିର୍ବାଚନ ଆୟୋଗ ବିରୋଧରେ ବିରୋଧୀ ଦଳର ସଦ୍ୟ ଅଭିଯୋଗ ଭିତ୍ତିହୀନ ବୋଲି ଶ୍ରୀ ପ୍ରସାଦ କହିଛନ୍ତି । ବିରୋଧୀ ଦଳର ସଦସ୍ୟମାନେ ଜଣେ ମୃତ ବ୍ୟକ୍ତି କିମ୍ବା କିମ୍ବା ସ୍ଥାୟୀ ଭାବରେ ରାଜ୍ୟ ଛାଡ଼ି ଯାଇଥିବେ, ସେମାନେ ଭୋଟ ଦେଇପାରିବେ କି ବୋଲି ପ୍ରଶ୍ନର ନିଶ୍ଚିତ ଉତ୍ତର ଦେବାର ଆବଶ୍ୟକତା ରହିଛି ବୋଲି ଶ୍ର ପ୍ରସାଦ କହିଛନ୍ତି ।

## ଇ.ସି. - ବିହାର

ନିର୍ବାଚନ କମିଶନ କହିଛନ୍ତି, ବିହାରରେ ଭୋଟର ଚିଠା ତାଲିକା ଉପରେ ଦାବି ଏବଂ ଅଭିଯୋଗ ଦାଖଲ କରିବାପାଇଁ ୯୮ ପ୍ରତିଶତରୁ ଅଧିକ ମତଦାତାଙ୍କ ନଥିପତ୍ର ଗ୍ରହଣ କରାଯାଇଛି । କମିଶନ୍‌ଙ୍କ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି, ଲୋକଙ୍କ ଦାବି ଓ ଅଭିଯୋଗ ଦାଖଲ କରିବାପାଇଁ ଆହୁରି ୮ ଦିନ ସମୟସୀମା ବାକି ରହିଛି । ଏହି ସମୟ ମଧ୍ୟରେ ମତଦାତାମାନେ ଆବଶ୍ୟକ ନଥିପତ୍ର ସେମାନଙ୍କ ଫର୍ମ ସହିତ ଦାଖଲ କରିପାରିବେ ବୋଲି ଆୟୋଗଙ୍କ ପକ୍ଷରୁ କୁହାଯାଇଛି ।

## ଇସ୍ରୋ - ଟେଷ୍ଟ

ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର-ଇସ୍ରୋ' ଗଗନଯାନ ଅଭିଯାନପାଇଁ ପାରାଚୁଟ୍ ଆଧାରିତ ଗତିହ୍ରାସ ପ୍ରଣାଳୀରେ ପ୍ରଥମ ସମନ୍ୱିତ ଏୟାର ଡ୍ରପ୍ ପରୀକ୍ଷଣ - ଆଇ.ଏ.ଡି.ଟି.-୦୧ ସଫଳତାର ସହ ଶେଷ କରିଛି । ପାରାଚୁଟ୍ ଆଧାରିତ ଗତିହ୍ରାସ ପ୍ରଣାଳୀରେ ମହାକାଶଚାରୀମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବାର ବ୍ୟବସ୍ଥା ରହିଛି । ଭାରତୀୟ ବାୟୁସେନା, ଡି.ଆର୍.ଡି.ଓ., ନୌସେନା ଏବଂ ତଟରକ୍ଷୀ ବାହିନୀର ମିଳିତ

ପ୍ରୟାସରେ ଏହି ପରୀକ୍ଷଣ କରାଯାଇଛି । ଏହି ପରୀକ୍ଷାର ଉଦ୍ଦେଶ୍ୟ ହେଉଛି, ପୂର୍ଣ୍ଣ ପାରାଚ୍ୟୁଟ୍ ବ୍ୟବସ୍ଥାର କାର୍ଯ୍ୟକ୍ଷମତାକୁ ପରୀକ୍ଷା କରିବା, ସମୁଦ୍ରରେ ପଡ଼ିବା ସମୟରେ କ୍ରୁ ମଡେଲ୍‌କୁ ଧୀର ଓ ସ୍ଥିର କରିବା ପାଇଁ ବ୍ୟବହାର କରିବା । ଏହା ବାସ୍ତବ ମାନବ ଅନ୍ତରୀକ୍ଷ ଯାତ୍ରାପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି । ପ୍ରାରମ୍ଭିକ ମନ୍ଥରତାପାଇଁ ଏଥିରେ କୋନ୍ କିମ୍ବା ଫନେଲ୍ ଆକାରର ଦୁଇଟି ଡ୍ରୋଗ୍ ପାରାଚ୍ୟୁଟ୍ ସହ ପାଇଲଟ୍ ପାରାଚ୍ୟୁଟ୍ ଓ ୩ଟି ମୁଖ୍ୟ ପାରାଚ୍ୟୁଟ୍ ରହିଛି, ଯାହାକି ସୁରକ୍ଷିତ ଅବତରଣକୁ ସୁନିଶ୍ଚିତ କରିବ । ଇସ୍ରୋ ପକ୍ଷରୁ ଦ୍ୱିତୀୟ ପରୀକ୍ଷଣ ଯାନ ପି.ଭି.-ଡି୨’ ଏବଂ ପ୍ରଥମ ମାନବବିହୀନ ଗଗନଯାନ ମିଶନ ଜି୧’ ପାଇଁ ପ୍ରସ୍ତୁତି ଜାରି ରହିଛି, ଏହା ଭାରତର ପ୍ରଥମ ମାନବ ଅନ୍ତରୀକ୍ଷ ଯାତ୍ରାକୁ ପ୍ରଥ ପ୍ରଶସ୍ତ କରିବ ।

## ସ୍ପେସ୍‌ଏକ୍ସ - ଟେଷ୍ଟ ଫ୍ଲାଇଟ୍

ସ୍ପେସ୍-ଏକ୍ସ ଆଜି ରାତିରେ ଏକଘଣ୍ଟାପାଇଁ ଏହାର ଏକ ଶକ୍ତିଶାଳୀ ଷ୍ଟାର୍‌ସିପ୍ ରକେଟ୍ ଉତ୍କ୍ଷେପଣ କରିବାକୁ ଯୋଜନା କରିଛି । ଉତ୍କ୍ଷେପଣର ଅଧଘଣ୍ଟା ପୂର୍ବରୁ ସିଧାପ୍ରସାରଣ କରାଯିବାର ସମ୍ଭାବନା ରହିଛି । ଉତ୍କ୍ଷେପଣ ସମୟରେ ପରିବର୍ତ୍ତନ ହୋଇପାରେ ବୋଲି କୁହାଯାଇଛି । ୨୦୨୫ ମସିହାରେ ଏହା ହେଉଛି ଚତୁର୍ଥ ଷ୍ଟାର୍‌ସିପ୍ ଉଡ଼ାଣ । ଗତ ମଇ ମାସରେ

ଏହାର ଶେଷ ଉଡ଼ାଣ ପରେ ରକେଟ୍‌ରେ ରହିଥିବା ତ୍ରୁଟିରେ ସୁଧାର କରାଯାଇଛି । ନାସା ୨୦୨୭ ମସିହାରେ ଚନ୍ଦ୍ରରେ ମହାକାଶଚାରୀମାନଙ୍କୁ ଅବତରଣ କରାଇବାପାଇଁ ଷ୍ଟାରସିପ୍ ବ୍ୟବହାର କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି ।

## ପେଣ୍ଟାଗନ୍ ଚିଫ୍ ଫାୟାର୍ଡ

ପେଣ୍ଟାଗନ୍‌ର ଗୁଇନ୍ଦା ସଂସ୍ଥା ମୁଖ୍ୟ ଲେଫ୍‌ଟନାଣ୍ଟ ଜେନେରାଲ୍ ଜେଫେରୀଙ୍କୁ ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ପେଟି ହେଗ୍‌ସେଠ୍ ତାଙ୍କ ପଦବିରୁ ବହିଷ୍କାର କରିଛନ୍ତି । ଇରାନ୍ ଉପରେ ଆମେରିକା ଆକ୍ରମଣର ପ୍ରଭାବକୁ ହ୍ୱାଇଟ୍ ହାଉସ୍ ଭର୍ତ୍ସନା କରିବାର ଏକ ସପ୍ତାହ ପରେ ଏହି ପଦକ୍ଷେପ ନିଆଯାଇଛି । ପେଣ୍ଟାଗନ୍ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି, ଲେଫ୍‌ଟନାଟ୍ ଜେନେରାଲ୍ ଜେଫେରୀ ଆମେରିକା ପ୍ରତିରକ୍ଷା ଗୁଇନ୍ଦା ସଂସ୍ଥାର ମୁଖ୍ୟ ଭାବେ ଆଉ କାର୍ଯ୍ୟ କରିବେ ନାହିଁ । ଏ ସମ୍ପର୍କରେ ପ୍ରତିରକ୍ଷା ବିଭାଗ ପକ୍ଷରୁ କୌଣସି ସ୍ୱଷ୍ଟୀକରଣ ଦିଆଯାଇ ନାହିଁ ।

## ରୋମାନିଆ - ଷ୍ଟର୍ମସ୍

ରୋମାନିଆରେ ଭୟଙ୍କର ଝଡ଼ରେ ୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ବହୁସଂଖ୍ୟାରେ ଆହତ ହୋଇଥିବା ଖବର ମିଳିଛି । ଜରୁରୀକାଳୀନ ସେବା ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି, ଏହି ଘୂର୍ଣ୍ଣିଝଡ଼ ରୋମାନିଆର ରାଜଧାନୀ ବୁଚାରେଷ୍ଟ ସମେତ ୧୮ଟି ସ୍ଥାନରେ ହୋଇଥିଲା । ବହୁସଂଖ୍ୟାରେ ଗଛ ଏବଂ ବଦ୍ୟୁତ୍ ଖୁଣ୍ଟି ଭାଙ୍ଗିଯାଇଥିବାବେଳେ ଅନେକ ସ୍ଥାନ ଜଳମଗ୍ନ ହୋଇଥିବା ସୂଚନା ମିଳିଛି । ବୁଚାରେଷ୍ଟ ସମେତ ୧୨ଟି ଦେଶରେ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଚାରି କରାଯାଇଛି ।

## ସ୍ପୋର୍ଟସ - ସୁଟିଂ

କାଜାଖସ୍ତାନର ସିମ୍‌କେଣ୍ଟଠାରେ ଚାଲିଥିବା ଷୋଡ଼ଶ ଏସୀୟ ବନ୍ଧୁକଚାଳନା ପ୍ରତିଯୋଗିତାରେ ଭାରତୀୟ ବନ୍ଧୁକଚାଳକ ଐଶ୍ୱରୀ ପ୍ରତାପ ସିଂହ ତୋମାର' ୫୦ ମିଟର ବନ୍ଧୁକ ଥ୍ରୀ-ପୋଜିସନ୍ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ସେ ୪୬୨ ଦଶମିକ ୫ ପଏଣ୍ଟ୍ ପାଇ ଏହି ସଫଳତା ହାସଲ କରିଛନ୍ତି । ଚୀନ୍‌ର ଝ୍ୱେନ୍ୟୁ ଝାଓ ୪୬୨ ପଏଣ୍ଟ ପାଇ

ରୌପ୍ୟ ପଦକ ହାସଲ କରିଥିବାବେଳେ ଜାପାନର ନାଓୟା ଓକାଡ଼ା ୪୪୫ ଦଶମିକ ୮ ପଏଣ୍ଟ ପାଇ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି ।

*****